## କାଠ ବୋଝେଇ ଗାଡ଼ି ଜବତ, ଡ୍ରାଇଭର ଗିରଫ

ମୋରଡା,(ଡି.ଏନ.ଏ)-ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ହଳଦୀପାଳ ପଞ୍ଚାୟତର ସମାଇଡିହି ଗ୍ରାମରୁ ଶୁକ୍ରବାର ରାତିରେ ଏକ ବେଆଇନ କାଠ ବୋଝେଇ ଗାଡ଼ି ବନ ବିଭାଗ ଜବତ କରିଛି। ଏଥିସହ ଗାଡ଼ି ଡ୍ରାଇଭର ହଳଦୀପାଳ ଗ୍ରାମର ଅଶୋକ ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗ୍ରାମବାସୀ ଉକ୍ତ କାଠ ବୋଝେଇ ଗାଡ଼ିକୁ ଅଟକ ରଖି ବନ ବିଭାଗକୁ ଖବର ଦେଇଥିଲେ। ରାସଗୋବିନ୍ଦପୁର ରେଞ୍ଜର ପ୍ରଶାନ୍ତ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ପ୍ରଦୀପ କୁମାର ଦେହୁରୀ, ଫରେଷ୍ଟଗାର୍ଡ ରୁବିତା ଭୂୟାଁ ପ୍ରମୁଖ ପହଞ୍ଚି ଗାଡ଼ିକୁ ଜବତ କରିଥିଲେ।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ବାଲେଶ୍ୱର ଟାଉନ ହଲ୍, ସମୟ:ସନ୍ଧ୍ୟା ୬ଟା ୩୦।
- ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ଏବଂ ସିଦ୍ଧି ବିନାୟକ ରେସିଡେଣ୍ଟାଲ ଯୁକ୍ତ୨ ସାଇନ୍ସ କଲେଜର ବାର୍ଷିକ ଉତ୍ସବ ଓ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: କଲେଜ ପରିସର, ସମୟ: ଦିବସବ୍ୟାପୀ।

**ଭଦ୍ରକ**

- ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ଅଟଳ ବିହାରୀ ହାଇସ୍କୁଲ, ବାସୁଦେବପୁର, ସମୟ: ପୂର୍ବାହ୍ନ ୯ଟା।
- ବିଜୟ ଦିବସ ପାଳନ ଉତ୍ସବ, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ମୋତିଆବିନ୍ଦୁ ଚିହ୍ନଟ ଶିବିର, ସ୍ଥାନ: ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଅଡ଼ାଳପଙ୍କ, ବନ୍ତ, ସମୟ: ପୂର୍ବାହ୍ନ ୯ଟା।

## ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ପଦ୍ମପୁର,୧୭।୧୨(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ସର୍ବପୁରାତନ ଅଟଳ ବିହାରୀ ମହାବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ଡ. ବ୍ୟୋମକେଶ ଚନ୍ଦ୍ର କୁମାର ଜେନାଙ୍କ ପୌରୋହିତ୍ୟରେ ଅତିଥି ଭାବେ ପ୍ରାଣୀ ବିଜ୍ଞାନ ପ୍ରାଧାପକ କାର୍ତ୍ତିକ ଚନ୍ଦ୍ର ବାରିକ ଯୋଗ ଦେଇଥିଲେ। ୧୩୦ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ଜୟନ୍ତ ଦାସ, ସୁପ୍ରଭା ସାହୁ ଓ ଦୀପ୍ତିରଞ୍ଜନ ପାଣିଗ୍ରାହୀ ଚାମ୍ପିୟନ ହୋଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ସଂଯୋଜିକା ପ୍ରାଧାପିକା ସୁଜାତା ମହାପାତ୍ର, ଅଧାପକ ଭାସ୍କର ଚନ୍ଦ୍ର ବିଶ୍ୱାଳ, ସତ୍ୟରଞ୍ଜନ ମଲ୍ଲିକ, ବିଶ୍ୱଜିତ ସାହୁ, ଲକ୍ଷ୍ମୀଧର ଦାସ, ବିଜୟ କୁମାର ଅଗସ୍ତି, ଲକ୍ଷ୍ମଣ ବାରିକ, ଗୋପାଳ ଚନ୍ଦ୍ର ମହାକୁଡ଼, ସ୍ୱର୍ଣ୍ଣଲତା ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ସଂସ୍କୃତ ବିଭାଗ ଆଲୋଚନାଚକ୍ର

ଜଳେଶ୍ୱର, ୧୭।୧୨(ଡି.ଏନ.ଏ.)-ଉତ୍ତର ବାଲେଶ୍ୱରର ସର୍ବପୁରାତନ ଦୀନକୃଷ୍ଣ କଲେଜ ପରିସରରେ ସଂସ୍କୃତ ବିଭାଗର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବେଦ ଓ ବିଜ୍ଞାନ ଶୀର୍ଷକ ଏକ ଆଲୋଚନାଚକ୍ରରେ କଲେଜ ଅଧକ୍ଷ ରାଧାରଞ୍ଜନ ସେନାପତି ଅଧକ୍ଷତା କରି ସ୍ୱାଗତଭାଷଣ ରଖିଥିଲେ । ମୁଖ୍ୟଅତିଥି ଭାବେ ଡ. ରମାକାନ୍ତ ଭଞ୍ଜ, ମୁଖ୍ୟବକ୍ତା ଭାବେ ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ଡ. ବିବେକାନନ୍ଦ ସାହୁ ଯୋଗଦେଇ ପୁରାଣ ଯୁଗର ବେଦ ଓ ଅତ୍ୟାଧୁନିକ ଯୁଗର ବିଜ୍ଞାନ ମଧ୍ୟରେ ଶବ୍ଦଗତ ପାର୍ଥକ୍ୟ ପରିଲକ୍ଷିତ ହେଉଥିଲେ ମଧ ଏହା ଏକ ଓ ଅଭିନ୍ନ । ତତ୍ତ୍ୱଗତ ଦୃଷ୍ଟିରୁ ଏହାର ଲକ୍ଷ୍ୟ ଏକ କିନ୍ତୁ ପଥ ଭିନ୍ନ ଭିନ୍ନ ବୋଲି ମତବ୍ୟକ୍ତ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅଶୋକ କୁମାର ରଥ, କମଳାକାନ୍ତ ଚାନ୍ଦ, ବିଭୂତିଭୂଷଣ ଦାସ ପ୍ରମୁଖ ବୈଦିକ ଦର୍ଶନ ଉପରେ ଅଭିଭାଷଣ ରଖିଥିଲେ । ବିଭାଗୀୟ ମୁଖ୍ୟ ପୁଷ୍ପାଞ୍ଜଳି ପାଇକରାୟ ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ରତନ କୁମାର କର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୧ମ, ୨ୟ ଓ ୩ୟ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# 'ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ମହାରାଜାଙ୍କ ଅବଦାନ ଅତୁଳନୀୟ'

### ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ୧୫୨ତମ ଜୟନ୍ତୀ

ବାରିପଦା ଅଫିସ,୧୭।୧୨

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ, ବାରିପଦା ପୌର ପରିଷଦ ଆନୁକୂଲ୍ୟରେ ମହାରାଜାଙ୍କ ଜୟନ୍ତୀ ପାଳନ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅବସ୍ଥାପିତ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି, ଅକ୍ଷୟ ସୁନୀଲ ଅଗ୍ରୱାଲ, ସଦର ଉପଜିଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ, ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି, ପ୍ରତିଶ୍ରୁତି ପ୍ରତିଷ୍ଠାନର ସମ୍ପାଦକ ଭାଗବତ ପଣ୍ଡା, ସାମାଜିକ କର୍ମୀ ଶରତ ଚନ୍ଦ୍ର ନାୟକ, ପୌର ପରିଷଦର କାଉନସିଲର, ବିଭିନ୍ନ ପଦାଧିକାରୀ, ଆଇନଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ



ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅଧିକାରୀ ଓ ଅନ୍ୟମାନେ।

ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଫେସିଲିଟେଶନ କକ୍ଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମଞ୍ଚାସୀନ ଅତିଥିମାନେ ତତ୍କାଳୀନ ମହାରାଜା ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ଗମନାଗମନ ଓ କୃଷି କ୍ଷେତ୍ରରେ କିପରି ଉନ୍ନତିମୂଳକ କାର୍ଯ୍ୟ କରିଥିଲେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏସବୁ କ୍ଷେତ୍ରରେ ମହାରାଜାଙ୍କ ଅବଦାନ ଅତୁଳନୀୟ ବୋଲି ଅତିଥିମାନେ କହିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ବିଦ୍ୟାଳୟର ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ପ୍ରଭାତରେ ବାରିପଦା ସହରରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ସହ ଛାତ୍ରୀଛାତ୍ର ପ୍ରଭାତଫେରିରେ ସହର ପରିକ୍ରମା କରିଥିଲେ। ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ବାରିପଦା ମଧୁବନସ୍ଥିତ ରାଣୀବାଗଠାରେ ଥିବା ମହାରାଜାଙ୍କ ସମାଧିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତେବେ ଏହି ଦିବସକୁ ଛୁଟି ଦିବସ ରୂପେ ଘୋଷଣା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇଆସୁଥିଲେ ମଧ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଛି। ସେହିପରି ଭଞ୍ଜସେନାର କର୍ମକର୍ତ୍ତା ମହାରାଜାଙ୍କ ପ୍ରତିମୂର୍ତ୍ତି ଓ ସମାଧି ପୀଠରେ ପୁଷ୍ପାମାଲ୍ୟ ଅର୍ପଣ କରିଥିଲେ।

## ଜିଲା ପରିଷଦର ସ୍ୱତନ୍ତ୍ର ଅଧିବେଶନ

କେନ୍ଦୁଝର,୧୭।୧୨(ଡି.ଏନ୍.ଏ/ସ୍ୱ.ପ୍ର)

କେନ୍ଦୁଝର ଜିଲା ଷଷ୍ଠ ଜିଲା ପରିଷଦର ସ୍ୱତନ୍ତ୍ର ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ନିମନ୍ତେ ଧାର୍ଯ୍ୟ ୯ ଗୋଟି ବିଷୟ ଉପରେ ଆଲୋଚନା ହୋଇଥିଲା। ଏଥିସହ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଅନୁଷ୍ଠାନର ପ୍ରତିନିଧିମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ କିପରି ପଞ୍ଚାୟତିରାଜ ଉନ୍ନୟନ ଯୋଜନାର ସଫଳ ରୂପାୟନ ପାଇଁ ଭୂମିକା ଗ୍ରହଣ କରିବେ ସେ ସମ୍ପର୍କରେ ଅବଗତ କରାଯାଇଥିଲା। ଜିଲା ପରିଷଦ ସଭାପତି ସାଗରିକା ସାହୁଙ୍କ ଅଧ୍ୟକ୍ଷତାରେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟିର ଅଧ୍ୟକ୍ଷ ଜଗନ୍ନାଥ ନାଏକ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଜିଲାପାଳ ଆଶିଷ ଠାକରେ, ଜିଲା ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି, ଆନନ୍ଦପୁର ବନଖଣ୍ଡ ଅଧିକାରୀ ଅଭୟ ଦଳେଇ, ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ସମେତ ଜିଲା ପରିଷଦର ସଦସ୍ୟ/ସଦସ୍ୟା ତଥା ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

### ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଖୋ-ଖୋ ଟୁର୍ନାମେଣ୍ଟ

ବାଲେଶ୍ୱର ଅଫିସ,୧୭।୧୨

ବାଲେଶ୍ୱର ଫକୀରମୋହନ (ଏଫ୍‌ଏମ୍) ବିଶ୍ୱବିଦ୍ୟାଳୟଠାରେ ଗତ ୧୪ତାରିଖରୁ ଆରମ୍ଭ ହୋଇଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳାବର୍ଗ ଖୋ-ଖୋ ଟୁର୍ନାମେଣ୍ଟ ଶନିବାର ଉଦଯାପିତ ହୋଇଯାଇଛି। ଏଥିରେ ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଛି।

ଯୋଗ୍ୟତା ପର୍ଯ୍ୟାୟ ଓ ନିର୍ଣ୍ଣାୟକ ପର୍ଯ୍ୟାୟ ମ୍ୟାଚ୍‌ରେ କ୍ରମାଗତ ଭାବେ କଲ୍ୟାଣୀ ବିଶ୍ୱବିଦ୍ୟାଳୟ ପଶ୍ଚିମବଙ୍ଗ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟ ବିପକ୍ଷରେ ବିଜୟଲାଭ କରି ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି କିଟ୍ (କେଆଇଟି) ବିଶ୍ୱବିଦ୍ୟାଳୟ ରନର୍ସଅପ୍ ତଥା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ହେମଚନ୍ଦ୍ ବିଶ୍ୱବିଦ୍ୟାଳୟ, ଦୁର୍ଗ୍, ଛତିଶଗଡ଼ ତୃତୀୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଏଥିସହିତ ଏହି ୪ଟି ବିଶ୍ୱବିଦ୍ୟାଳୟ ନିକଟ ଭବିଷ୍ୟତରେ ପଞ୍ଜାବ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରର ଖୋ-ଖୋ ଟୁର୍ନାମେଣ୍ଟରେ ପୂର୍ବାଞ୍ଚଳରୁ ଖେଳିବା ପାଇଁ ତଥା ପ୍ରତିନିଧିତ୍ୱ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ୍ ଚନ୍ଦ୍ର ଅଧିକାରୀ, କୁଳସଚିବ କୁକୁମୀନା ଦାସ, କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଡ. ଭାସ୍କର ବେହେରା ପ୍ରମୁଖ ଉପସ୍ଥିତ ରହି ଜାତୀୟ ସ୍ତରରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିବା ପାଇଁ ଶୁଭେଚ୍ଛା ଜଣାଇ ଥିଲେ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ରୂପ୍‌ସା, ୧୭।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନ ରୂପ୍‌ସା-ବୈଶିଙ୍ଗା ରାସ୍ତାର ହୀରାପୁର ସରକାରୀ ହାଇସ୍କୁଲ ନିକଟରେ ଶନିବାର ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୈଶିଙ୍ଗା ଥାନା ବାମଡ଼ା ଗ୍ରାମର କୃଷ୍ଣଚନ୍ଦ୍ର ଧଳଙ୍କ ସାନପୁଅ ରଞ୍ଜନ (୨୭)। ସେ ରୂପ୍‌ସା ଖୋଟ କାରଖାନାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଘରୁ କ୍ଷୀର ନେଇ ରଞ୍ଜନ ବାଇକ୍ ଯୋଗେ ରୂପ୍‌ସା ବଜାରସ୍ଥ ଏକ ମିଠା ଦୋକାନକୁ ଦେବା ପାଇଁ ଆସୁଥିଲେ। ରାସ୍ତାରେ ହଠାତ୍ ଏକ ଗାଈ ବାଛୁରୀ ବାଇକ୍ ସମ୍ମୁଖକୁ ଆସିବା ଯୋଗୁ ସେ ଦୁର୍ଘଟଣାଗ୍ରସ୍ତ ହୋଇ ଛିଟ୍‌କି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ଖୋଟ କାରଖାନା ସମେତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସାପଖେଳକୁ ବିରୋଧ କରି ରକ୍ତାକ୍ତ ସଂଘର୍ଷ


ଗାନ୍ଧୀ ଛକରେ ଉତ୍ତେଜନାମୂଳକ ପରିସ୍ଥିତି।

### ୫ ଆହତ, ପୋଲିସ ମୁତୟନ

ରୂପ୍‌ସା, ୧୭।୧୨(ଡି.ଏନ.ଏ.)

ସାପ ଖେଳକୁ ବିରୋଧ ଯୋଗୁ ରକ୍ତାକ୍ତ ସଂଘର୍ଷ ଘଟିଛି। ସରକାରୀ ଜାଗାରେ ସାପୁଆ କେଳାକୁ ଗାଳିଗୁଲଜ ପରେ ଗୋଷ୍ଠୀ ସଂଘର୍ଷ ଉଗ୍ର ରୂପ ନେଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ବସ୍ତା ଥାନା ଗାନ୍ଧୀ ଛକରେ।

ଗାନ୍ଧୀ ଛକସ୍ଥିତ ସରକାରୀ ଜାଗାରେ ଶନିବାର ଜଣେ ସାପୁଆ କେଳା ପେଡ଼ିସବୁକୁ ମେଲାଇ ସାପ ଖେଳ ପ୍ରଦର୍ଶନ କରୁଥିଲେ। ସେକ୍ ଜମସୁର ନାମକ ଯୁବକ ଏହାକୁ ବିରୋଧ କରି ସାପୁଆ କେଳାକୁ ଗାଳିଗୁଲଜ କରିଥିଲେ। ସାପ ଖେଳ ଦେଖୁଥିବା ଲୋକେ ଜମସୁରଙ୍କୁ ବିରୋଧ କରିବାରୁ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଉଭୟ ପକ୍ଷଙ୍କ ମଧ୍ୟରେ ଠେଙ୍ଗାରେ ମାର୍‌ପିଟ୍ ହେବା ସହ ପଥର ମରାମରି ହୋଇଥିଲେ। ଫଳରେ ଉଭୟ ପକ୍ଷରୁ ୫ଜଣ ଗୁରୁତର ଆହତ ହୋଇଥିଲେ। ଆହତମାନେ ହେଲେ ସେକ ମନିରୁଦ୍ଦିନ, ସେକ କାଲା, ସେକ ସକିରୁଦ୍ଦିନ, ସେକ ନସିରୁଦ୍ଦିନ ଓ ସେକ ଜମସୁର। ଖବରପାଇ ବସ୍ତା ଥାନା ଆଇଆଇସି ବାରିଣୀ ଦାସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ। ଆହତଙ୍କୁ ପ୍ରଥମେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗଣ୍ଡଗୋଳକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ସୀମାନ୍ତ ଯୁବ ମହୋତ୍ସବ

ସାରସକଣା,୧୭।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଝାରପୋଖରିଆ ଦୁର୍ଗାପୂଜା ପଡ଼ିଆରେ ସୀମାନ୍ତ ଯୁବ ସମିତି ଆନୁକୂଲ୍ୟରେ ଷଷ୍ଠ ବାର୍ଷିକ ସୀମାନ୍ତ ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଛି। ସଭାପତି ଅଶୋକ ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମହୋତ୍ସବକୁ ଶୁକ୍ରବାର ମୁଖ୍ୟଅତିଥି ଭାବେ ବିଡିଓ ଗୀତା ମୁର୍ମୁ, ତହସିଲଦାର ମନୋଜ କୁମାର କାର୍ଜି ଓ ସୀମାନ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ନଳିନୀ ରଞ୍ଜନ ସେନାପତି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଝାରପୋଖରିଆ ଲୋକନାଥ ମନ୍ଦିରଠାରୁ ଦୁର୍ଗାପୂଜା ପଡ଼ିଆକୁ ଯୁବ ସମିତି ସଦସ୍ୟଙ୍କ ସହ ଅନେକ ଛାତ୍ରୀଛାତ୍ର ବିଶାଳ ରାଲିରେ ମଶାଲ ଯାତ୍ରା କରିଥିଲେ।

ଅପରାହ୍ନରେ ଅନ୍ୟତମ ଅତିଥି ଭାବେ ଝାରପୋଖରିଆ ସରପଞ୍ଚ ମାଳତୀ ସିଂ, ସମିତିସଭ୍ୟା ସସ୍ମିତା ମହାନ୍ତ ଓ ଯୁବନେତା ମଣିଶଙ୍କର ବାରିକ ଯୋଗ ଦେଇଥିଲେ। ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଭାଦବ ହାଁସଦା, ସାମାଜିକ କର୍ମୀ ଜିତେନ୍ଦ୍ର ମହାନ୍ତି ଓ ପୂର୍ବତନ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମୁର୍ମୁ ଯୋଗ ଦେଇଥିଲା ବେଳେ ଜିତେନ୍ଦ୍ରଙ୍କୁ ସମିତି ପକ୍ଷରୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ଶନିବାର ଝାରପୋଖରିଆ ଥାନା ଏସ୍‌ଆଇ ସୁଧାଂଶୁ ଶେଖର ସେଠୀ, ସୀମାନ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ନଳିନୀ ରଞ୍ଜନ ସେନାପତି ଏବଂ ବରିଷ୍ଠ ନେତା ଅମରେନ୍ଦ୍ର କର ଅତିଥି ଭାବେ ଯୋଗଦେଇ ଭଲିବଲ୍ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମୁରୁଜ, କ୍ୟାରମ ସହ ବିଭିନ୍ନ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କ ମନ ମୋହିଥିଲା।


ମୁରୁଜ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ ଓ ଅନ୍ୟମାନେ।

## ମିଶନ ଶକ୍ତି ଗୃହ ଉଦ୍‌ଘାଟନ କଲେ ବିଧାୟକ

ପାଟଣା,୧୭।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତର ଟାଙ୍ଗରପଡ଼ା ଗ୍ରାମରେ ମିଶନ ଶକ୍ତି ଗୃହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନ ତରଫରୁ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ଜଗନ୍ନାଥ ନାଏକ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅନିରୁଦ୍ଧ ନାଏକ, ସମିତି ସଭ୍ୟ ଭାଗବତ ନାଏକ, ବିଜେଡି ବ୍ଲକ୍ ସଭାପତି ମାଧବାନନ୍ଦ ପୃଷ୍ଟି, ବିଜେଡି ନେତା ନବକିଶୋର ପୃଷ୍ଟି, ଟାଙ୍ଗରପଡ଼ା ପଞ୍ଚାୟତସ୍ତରୀୟ ସଂଘର ସଭାପତି ସସ୍ମିତା ନାଏକ, ସମ୍ପାଦିକା ରାଧିକା ମହାନ୍ତ, ବିଏଲପି ବିନ୍ଦୁ ମହାନ୍ତ, କୃଷି ମିତ୍ର, ପ୍ରାଣୀ ମିତ୍ର, ଏମ ବିକେ ,ବ୍ୟାଙ୍କ ମିତ୍ର, ପ୍ରମୁଖ ଉପସ୍ଥିତ ଥିଲେ। ଟାଙ୍ଗରପଡ଼ା ମିଶନ ଶକ୍ତି ଗୃହଟି ଆମ୍ବାଡିସି ପ୍ରଦତ୍ତ ୭ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ହୋଇଛି।

## ଜେଏସ୍‌ପି, କାଶିଆ ୟୁନିଟ୍‌କୁ ଜାତୀୟ ମାନବସମ୍ବଳ ପୁରସ୍କାର

ଯୋଡ଼ା/ କେନ୍ଦୁଝର,୧୭।୧୨(ଡି.ଏନ୍.ଏ)

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ବଡ଼ବିଲ ପେଲେଟ ପ୍ଲାଣ୍ଟ, ଟେନ୍ସା ଓ କାଶିଆ ଆଇରନ ମାଇନ୍ସ ୟୁନିଟ ସମ୍ମାନଜନକ ଜାତୀୟ ମାନବସମ୍ବଳ ପୁରସ୍କାର ପାଇଛି। ନୂଆଦିଲ୍ଲୀସ୍ଥିତ 'ଇଣ୍ଡିଆ ହାବିଟାଟ୍ ସେଣ୍ଟର'ଠାରେ ଦିଲ୍ଲୀ ମ୍ୟାନେଜ୍‌ମେଣ୍ଟ ଆସୋସିଏଶନ ଏବଂ ଥୋମାସ୍ ଆସେସ୍‌ମେଣ୍ଟସ ଦ୍ୱାରା ୧୪ ଡିସେମ୍ବର ୨୦୨୨ରେ ଆୟୋଜିତ ଏକାଦଶ ଏଚ୍‌ଆର କନ୍‌କ୍ଲେଭରେ ଶରତ କିଶୋର ପଣ୍ଡା, ମାନବସମ୍ବଳ ବିଭାଗ ମୁଖ୍ୟ (ପେଲେଟ ଏବଂ ଆଇରନ ଓର ବ୍ୟବସାୟ) ଏଚ୍‌ଆର ଟିମ ସହିତ ଏହି ପୁରସ୍କାର ଗ୍ରହଣ କରିଥିଲେ।

ବ୍ୟକ୍ତିଗତ ବର୍ଗରେ ଶ୍ରେଷ୍ଠ ପ୍ରତିଭା ପରିଚାଳନା ଏବଂ କର୍ମଚାରୀ ଜୀବନ-ଚକ୍ର ପରିଚାଳନା ପାଇଁ ପଣ୍ଡା ଶ୍ରେଷ୍ଠ ଜାତୀୟ ପୁରସ୍କାର ଗ୍ରହଣ କରିଥିଲେ। ତାଙ୍କ ଉପସ୍ଥାପନାରେ ପଣ୍ଡା ପ୍ରଭାବଶାଳୀ ମାନବସମ୍ବଳ ଅଭ୍ୟାସ ତଥା କୋଭିଡ୍-୧୯ ସମୟରେ ବିଭିନ୍ନ ସଂଗଠନ ଏବଂ ମାନବସମ୍ବଳ ବିଭାଗ ସମ୍ମୁଖୀନ ହୋଇଥିବା ଆହ୍ୱାନ ଓ ତା'ର ପ୍ରତିକାର ସମ୍ବନ୍ଧରେ ବିସ୍ତୃତ ଭାବରେ ଉଲ୍ଲେଖ କରିଛନ୍ତି। ସଫଳତା ପାଇଁ ପଣ୍ଡା ତାଙ୍କ ଦଳକୁ ଶ୍ରେୟ ଦେବା ସହ ଆଶିଷ ପାଣ୍ଡେ, ପେଲେଟ ଏବଂ ଆଇରନ ବ୍ୟବସାୟ ମୁଖ୍ୟ ବ୍ରିଜ୍ ବଧଦ୍ର, ପେଲେଟ ୟୁନିଟ ମୁଖ୍ୟ ପ୍ରମୋଦ ପାତ୍ର, ଟେନ୍ସା ୟୁନିଟ ମୁଖ୍ୟ ଅଜିତ ପାତ୍ର, କାଶିଆ ୟୁନିଟ ମୁଖ୍ୟଙ୍କ ନେତୃତ୍ୱ ଓ ମାର୍ଗଦର୍ଶନ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହିତ ସେ ଏହି ତିନି ୟୁନିଟ୍‌ର ମାନବସମ୍ବଳ ବିଭାଗର ସମସ୍ତ କର୍ମଚାରୀଙ୍କୁ ଅଧବସାୟ ଓ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି।

# 'ଜୈବିକ ପଦ୍ଧତି ଧାନଚାଷରେ ଅମଳ ଅଧିକ'

ଭଦ୍ରକ ଅଫିସ, ୧୭।୧୨

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ କାଦବରାଙ୍ଗ ପଞ୍ଚାୟତ ବନ୍ତଳା ଗ୍ରାମରେ ଜୈବିକ ପଦ୍ଧତିରେ ଧାନଚାଷର କ୍ଷେତ୍ର ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ କୃଷି ବିଜ୍ଞାନ କେନ୍ଦ୍ର ସହାୟତାରେ ଅଗ୍ରଣୀ ମହିଳା କୃଷିଜୀବୀ ସ୍ମୃତିରେଖା ମହାନ୍ତିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃଷି ବୈଜ୍ଞାନିକ ଡ. ଅରବିନ୍ଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଜୈବିକ ପଦ୍ଧତିରେ ହୋଇଥିବା ଧାନ ଚାଷରେ ରୋଗ ପୋକ ନିୟନ୍ତ୍ରଣ ହେବା ସହ ଅଧିକ ଅମଳ ହୋଇପାରିବ। ଏହି ଅବସରରେ ଜୈବିକ ପଦ୍ଧତିରେ ଚାଷ ହୋଇଥିବା ଜମିର ଅମଳ ପରୀକ୍ଷା କରାଯାଇ ଏକର ପ୍ରତି ୨୦ କୁଇଣ୍ଟାଲରୁ ଅଧିକ ଅମଳ ହୋଇପାରିଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବୈଜ୍ଞାନିକ ଡ. ବିଶ୍ୱରଞ୍ଜନ ସାମନ୍ତରାୟ ଓ ଅନ୍ୟତମ ଅତିଥି ଭାବେ ଆଗରପଡ଼ା ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ପତି ଯୋଗ ଦେଇଥିଲେ। ଜୈବିକ ଚାଷରେ ବ୍ୟବହୃତ ସାମଗ୍ରୀଗୁଡ଼ିକ ଉପରେ ବୈଜ୍ଞାନିକମାନେ ବୁଝାଇଥିଲେ। ପୂର୍ବତନ ସରପଞ୍ଚ ଭାଗୀରଥି ସେଠୀ, ପଞ୍ଚାୟତ ମହିଳା ସଂଘର ଏମ୍‌ବିକେ ସୁନାରାଣୀ ପଣ୍ଡା, ବିଶ୍ୱଜିତ ବେହେରା, ତାପସ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଡ. ଜୟଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ବୃଦ୍ଧି ପାଉଛି ବାଲି ଚୋରାଚାଲାଣ

### ନମାମି ଗଙ୍ଗେର ଆନ୍ଦୋଳନ ଚେତାବନୀ

କେନ୍ଦୁଝର,୧୭।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ବେଆଇନ ବାଲି ଉତ୍ତୋଳନ ଓ ଚୋରାଚାଲାଣ ବୃଦ୍ଧି ପାଉଛି। ଏନେଇ ଲୋକେ ଅଭିଯୋଗ କଲେ ମାଫିଆ ଧମକ ଦେଉଛନ୍ତି। ଏନେଇ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଶୁକ୍ରବାର ଭାଜପା ନଦୀ ସୁରକ୍ଷା ସମିତି (ନମାମି ଗଙ୍ଗେ) ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ କେନ୍ଦୁଝର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବନ୍ଦ କରିବାକୁ ଦାବି କରିଛନ୍ତି। ନ ହେଲେ ଆଗାମୀ ଦିନରେ ସମିତି ତରଫରୁ ଜିଲାର ସମସ୍ତ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସଭାପତି ସାହୁ ଚେତାବନୀ ଦେଇଛନ୍ତି।


ନମାମି ଗଙ୍ଗେ ସଦସ୍ୟ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଅଭିଯୋଗରେ ଦର୍ଶାଇଛନ୍ତି, ବେଆଇନ ଚୋରା ବାଲି କାରବାର ଯୋଗୁ କେନ୍ଦୁଝର ଜିଲା ବାର୍ଷିକ ୫ଶହ କୋଟି ଟଙ୍କାର ରାଜସ୍ୱ ହରାଉଛି। ଜିଲାର ବୈତରଣୀ, କୁଶେଇ, ଫାପୁଡ଼ିଆ, ମୁଷଳ ନଦୀ, ମୁହାଣନଦୀ, ସମାକୋଇ ନଦୀ ଓ ଅରଡ଼େଇ ନଦୀଘାଟରୁ ବିନା ନିଲାମ ଅଞ୍ଚଳରୁ ଦୈନିକ ମେଶିନ ଦ୍ୱାରା ବାଲି ଉତ୍ତୋଳନ କରି ହାଇୱା, ଟ୍ରକ୍ ଓ ଟ୍ରାକ୍ଟରରେ ବାଲିଚାଲାଣ ହେଉଛି। ଏ ବିଷୟରେ ଜନସାଧାରଣ ଅଭିଯୋଗ ଓ ଆନ୍ଦୋଳନ କଲେ ମଧ ସୁଫଳ ମିଳୁ ନ ଥିବା ନଦୀ ସୁରକ୍ଷା ସମିତି ଜିଲା ସଂଯୋଜକ ସୁବ୍ରତ ମହାନ୍ତି ଅଭିଯୋଗ କରିଛନ୍ତି। ଜିଲାପାଳ ତୁରନ୍ତ ଚୋରା ବାଲି କାରବାରକୁ ବନ୍ଦ କରିବାକୁ ନମାମି ଗଙ୍ଗେ ତରଫରୁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ଭାଜପା ନଦୀ ସୁରକ୍ଷା ସମିତି ଜିଲା ସଂଯୋଜକ ସୁବ୍ରତ ମହାନ୍ତି, ଜିଲା ପରିଷଦ ସଦସ୍ୟା ଅସୀମା ମିଶ୍ର, ଅଖିଳଚନ୍ଦ୍ର ନାୟକ, କମଳାକାନ୍ତ ଦାଶ, ସାବିତ୍ରୀ ବିଶ୍ୱାଳ, ପ୍ରାଣବନ୍ଧୁ ସାହୁ, ରାଜେନ୍ଦ୍ର ସାହୁ, ସୂର୍ଯ୍ୟପ୍ରକାଶ ସାହୁଙ୍କ ସମେତ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଦିବ୍ୟାଂଶୀ

**ବାଲେଶ୍ୱର ଅଫିସ, ୧୭।୧୨**

ବାଲେଶ୍ୱର ସହର ଫକୀରମୋହନ ନଗରରେ ବସବାସ କରୁଥିବା ଇଂ. ସନ୍ତୋଷ କୁମାର ଆଚାର୍ଯ୍ୟ ଓ ପ୍ରିୟମ୍ବଦା ମହାପାତ୍ରଙ୍କ କନ୍ୟା ଦିବ୍ୟାଂଶୀ ୨ବର୍ଷ ୫ମାସର ହୋଇଥିବା ବେଳେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ସେ ଶରୀରର ୧୪ଟି ଅଙ୍ଗର ନାମ ସହିତ ଏ ଟୁ ଜେଡ୍‌ର ଅନୁରୂପ ଶବ୍ଦ, ଜାତୀୟ ସଙ୍ଗୀତ, ୨ଟି ହିନ୍ଦୀ, ଗୋଟିଏ ଇଂଲିଶ ରାଇମ୍‌ସ, ଦୁଇଟି ସଂସ୍କୃତ ମନ୍ତ୍ର (ବକ୍ରତୁଣ୍ଡ ଓ ତ୍ରୟୋମ୍ବକମ୍) ଓ ୧୦ଟି ପ୍ରାଣୀଙ୍କ ଶବ୍ଦ କରିପାରୁଛନ୍ତି। ତାଙ୍କର ଏସବୁର ଏକ ଭିଡିଓ ଗତ ନଭେମ୍ବର ୪ ତାରିଖରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ସାଇଟ୍‌ରେ ଅପଲୋଡ୍ କରାଯାଇଥିଲା। ନଭେମ୍ବର ୭ ତାରିଖରେ ଏହି ରେକର୍ଡ ହାସଲ କରିଥିବା ବେଳେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସର ଚିଫ୍ ଏଡିଟର ଡ. ବିଶ୍ୱରୂପ ରୟ ଚୌଧୁରୀ ଗତ ନଭେମ୍ବର ୧୮ ତାରିଖରେ ଦିବ୍ୟାଂଶୀଙ୍କ ନିକଟକୁ ମେଡାଲ ଓ ମାନପତ୍ର ପଠାଇଥିବା ଜଣାପଡ଼ିଛି। ଦିବ୍ୟାଂଶୀ ମାତ୍ର ୮ମାସର ହୋଇଥିବା ବେଳେ ତାଙ୍କର ହାବଭାବରୁ ମା'ବାପା ୟୁ-ଟ୍ୟୁବ୍‌ରୁ ଭିଜୁଆଲାଇଜେଶନ୍ ମେଥଡ୍ ଡାଉନଲୋଡ୍ କରି ଝିଅକୁ ଦେଖାଉଥିଲେ। ଦିବ୍ୟାଂଶୀ ଏସବୁ ଜିନିଷକୁ ଦେଖି ମନେରଖିବା ସହ କହିବା ଆରମ୍ଭ କରିଥିଲେ। ୨ବର୍ଷ ୫ମାସର ହୋଇଥିବା ବେଳେ ଏସବୁର ଭିଡିଓ ପ୍ରସ୍ତୁତ କରି ପ୍ରଥମଥର ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ସାଇଟ୍‌ରେ ଅପଲୋଡ୍ କରିଥିଲେ। ଆଗକୁ ଏସିଆ ବୁକ୍ ଅଫ୍ ରେକର୍ଡ୍ସ ପାଇଁ ଦିବ୍ୟାଂଶୀଙ୍କୁ ପ୍ରସ୍ତୁତ କରାଯାଉଛି। ଏବେ ଦିବ୍ୟାଂଶୀଙ୍କୁ ୨ବର୍ଷ ୬ମାସ। କିଛିଦିନ ମଧ୍ୟରେ ୩୦ଟି ଜିଲାର ନାମ, ୧୨ ମାସ, ୬ ଋତୁ, ସପ୍ତାହର ନାମ ସହ ଜାତୀୟସ୍ତରୀୟ ୧୨ଜଣ ମହାପୁରୁଷଙ୍କୁ ଚିହ୍ନଟ କରିବାରେ ସାମର୍ଥ୍ୟ ହାସଲ କରିଥିବା ତାଙ୍କ ବାପା ଇଂ. ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।



ମେଡ଼ାଲ ଓ ମାନପତ୍ର ସହ ଦିବ୍ୟାଂଶୀ।

## ସଂକ୍ଷେପରେ

### ଜିଲା ପାଇଁ ଗୌରବ ଆଣିଲେ ସୌରପ୍ରକାଶ




**ବାରିପଦା ଅଫିସ,୧୭।୧୨:** ମୟୂରଭଞ୍ଜ ଜିଲାର ଉଦୀୟମାନ ଖେଳାଳୀ ଜାତୀୟସ୍ତରରେ ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ବିବେଚିତ ହୋଇ ଜିଲା ପାଇଁ ଗର୍ବ ଆଣିଛନ୍ତି । ସେ ହେଲେ ବାରିପଦା ସହର ୱାର୍ଡ ନଂ. ୯ର ଅଶୋକ ବେହେରା ଓ ଦ୍ରୌପଦୀଙ୍କ କନିଷ୍ଠ ପୁତ୍ର ସୌରପ୍ରକାଶ। ସୂଚନାଯୋଗ୍ୟ, ତୃତୀୟ ସିନିୟର ଜାତୀୟ ଡ୍ୟୁପ୍ଲେକସ କ୍ରିକେଟ୍ ଚମ୍ପିୟନସିପ୍-୨୦୨୨ କର୍ଣ୍ଣାଟକ ରାଜ୍ୟର ବେଙ୍ଗାଲୁରୁ ଅଧୀନ ଟୁଙ୍କୁର୍‌ସ୍ଥିତ ଭଗତ ସିଂ ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶା ଦଳ ରନର୍ସଅପ ହୋଇଛି। ସୌର ପ୍ରକାଶ ଉଭୟ ବ୍ୟାଟିଂ ଓ ବୋଲିଂରେ ଉତ୍ତମ ପ୍ରଦର୍ଶନ କରି ବେଷ୍ଟ ଅଲରାଉଣ୍ଡର ଭାବେ ସମ୍ବର୍ଦ୍ଧିତ ହୋଇ ଜିଲାକୁ ଗର୍ବିତ କରିଛନ୍ତି। ଦଳରେ ବୋଲର୍ ଭାବେ ୧୩ ୱିକେଟ ସଂଗ୍ରହ କରିଥିବା ବେଳେ ବ୍ୟାଟସ୍‌ମ୍ୟାନ ଭାବେ ୬ ମ୍ୟାଚରୁ ୩ ଇନିଂସରେ ୧୧୧ ରନ ସଂଗ୍ରହ କରି ଏହି ସଫଳତା ପାଇଥିଲେ। ସୌରପ୍ରକାଶ ପୂର୍ବରୁ ମଧ ଜାତୀୟସ୍ତର ଟେନିସ କ୍ରିକେଟରେ ଯୋଗଦେଇ ସଫଳତା ହାସଲ କରିଥିଲେ।

### ଟ୍ୟୁଟୋରିଆଲରେ ଦିବ୍ୟାଙ୍ଗ ଛାତ୍ରଙ୍କୁ ନିର୍ଯାତନା ଅଭିଯୋଗ

ବାହାନଗା,୧୭।୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ଏକ ଘରୋଇ ଟ୍ୟୁଟୋରିଆଲରେ ପାଠ ପଢୁଥିବା ଜଣେ ଦିବ୍ୟାଙ୍ଗ ଛାତ୍ରଙ୍କୁ ନିର୍ଯାତନା ଦିଆଯିବା ନେଇ ଗୋପାଳପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ଏନେଇ ଛାତ୍ରଙ୍କ ମା' ଶୁକ୍ରବାର ଫାଣ୍ଡିରେ ଅଭିଯୋଗ କରିଥିଲେ। ଛାତ୍ରଙ୍କ ଘର ସମୁଳିଆ ବ୍ଲକ ଖିରକୋଣୀ ଗ୍ରାମର ରସିଦପୁର ଅଞ୍ଚଳରେ। ସେ ମେସରେ ରହି ପାଠ ପଢୁଥିଲେ। ମାତ୍ର ସେହି ମେସ୍‌ରେ ରହୁଥିବା କିଛି ଛାତ୍ର ଓ ମାଲିକ ତାଙ୍କୁ ମାଡ ମାରିବା ସହିତ ଶାରୀରିକ ନିର୍ଯାତନା ଦେଉଥିବା ଅଭିଯୋଗ କରିଥିଲେ। ତେବେ ନିର୍ଯାତନାର ଶିକାର ହୋଇଥିବା ଛାତ୍ର ଜଣକ କିଛି ମାସ ପୂର୍ବରୁ ରେଳଧାରଣାରେ ଆତ୍ମହତ୍ୟା କରିବାକୁ ଯାଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଅଭିଯୋଗକୁ ଭିତ୍ତି କରି ଗୋପାଳପୁର ଫାଣ୍ଡି ପୋଲିସ୍ ତୁରନ୍ତ ଟ୍ୟୁଟୋରିଆଲ ମାଲିକଙ୍କୁ ଫାଣ୍ଡିକୁ ଡାକି ତଦନ୍ତ ଆରମ୍ଭ କରିଥିଲେ। ପରେ ମାଲିକ ଦିବ୍ୟାଙ୍ଗ ଛାତ୍ରଙ୍କ ପରିବାର ଲୋକଙ୍କ ସହିତ ଆଲୋଚନା ପରେ ୨ମାସର ବକେୟା ଦରମାକୁ ଛାଡ କରିଦେବା ସହିତ ନିଜ ଭିତରେ ଏକ ଆପୋଷ ବୁଝାମଣା କରି ରଫାଦଫା କରିବା ପରେ ଫାଣ୍ଡିରୁ ଛାଡ ପାଇଥିଲେ। ଏ ସମ୍ପର୍କରେ ଟ୍ୟୁଟୋରିଆଲ ମାଲିକ ସଞ୍ଜୟ ଦାଶ କହିଛନ୍ତି, ତାଙ୍କର କିଛି ଭୁଲ ନାହିଁ, ମେସ୍‌ରେ ଛାତ୍ରମାନେ ନିଜ ନିଜ ଭିତରେ ମାରପିଟ୍ ଲାଗି ଏଭଳି ଘଟଣା ଘଟିଥିଲା। ଛାତ୍ରଙ୍କ ପରିବାର ଲୋକମାନେ ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା।

### ମା' ବଢ଼େଇଶୁଣୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ପାଟଣା,୧୭।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ହାଇସ୍କୁଲ ପଡ଼ିଆରେ ଗୁରୁବାର ମା' ବଢ଼େଇଶୁଣୀ କ୍ରିକେଟ୍ କପ୍‌ର ଚତୁର୍ଥ ବାର୍ଷିକ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ପ୍ରଥମ ଦିନ ୩ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳାଯାଇଛି। ମୁଖ୍ୟ ଅତିଥି ଭାବେ ଆଇନଜୀବୀ ମହେଶ୍ୱର ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଶିକ୍ଷକ ସୁଧାକର ପଣ୍ଡା, ଅନନ୍ତଚରଣ ମୁର୍ମୁ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ପ୍ରଥମ ରାଉଣ୍ଡରେ ତଣ୍ଡ ଏକାଦଶ ସହ ଖମୁଆଁ ଏକାଦଶ, ଦ୍ୱିତୀୟ ରାଉଣ୍ଡରେ ରିଙ୍କୁ ୱାରିୟର କପାଶପଡ଼ା ସହ ଏରେଣ୍ଡେଇ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁଶୀଲ ଦାସ ଓ ଭୁବନ ପିଙ୍ଗୁଆ ଖେଳ ପରିଚାଳନା କରିଥିଲେ। ଅରୁଣ ମହାନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ରିକେଟ୍ କ୍ଲବ୍‌ର ସଭାପତି ନିତେଶ ମହାନ୍ତ, ସମ୍ପାଦକ ଦିବ୍ୟରଞ୍ଜନ ନାଏକ, ସଭ୍ୟ ରାଜା ସେଠୀ, ବିରେନ୍ଦ୍ର ସିଂ, ହିରା ନାଏକ ଓ ସତ୍ୟଜିତ୍ ଘଡ଼େଇ ପରିଚାଳନା କରିଥିଲେ।

# 'ଚାରବାଟିଆ ଅବହେଳିତ'

## ଗାନ୍ଧୀ ସ୍ମୃତି ସମାରୋହରେ ବିକାଶ ଦାବି

**ପଦ୍ମପୁର, ୧୭।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତର ଚାରବାଟିଆଠାରେ ୧୯୨୭ ଡିସେମ୍ବର ୧୬ ରାତିରେ ମହାତ୍ମା ଗାନ୍ଧୀ ରାତ୍ରିଯାପନ କରିବା ସହ ୧୭ ତାରିଖରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ବ୍ରିଟିଶ ଶାସକଙ୍କ ଲାଞ୍ଛନା, ଅପମାନ ଓ ଶୋଷଣ ବିରୋଧରେ ଲଢ଼େଇ କରିବା ପାଇଁ ଏକଜୁଟ ହେବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଦୀର୍ଘ ୯୫ ବର୍ଷ ବିତିଯାଇଥିଲେ ମଧ ଚାରବାଟିଆ ଆଜି ବି ଅବହେଳିତ। ପ୍ରତିବର୍ଷ କେବଳ ସ୍ମୃତି ସମାରୋହ ପାଳନରେ ସୀମିତ ରହୁଛି। ଏହି ଅଞ୍ଚଳର ବିକାଶ ଓ ଯାତାୟାତରେ ବାଧକ ସାଜିଛି ମନ୍ତେଇ ନଦୀ। ଜିଲାର ଚାନ୍ଦବାଲି, ବାସୁଦେବପୁର, ତିହିଡ଼ି ଓ ପୀରହାଟ ଅଞ୍ଚଳକୁ ଯୋଗାଯୋଗ ପାଇଁ ଏଠାରେ ପୋଲର ଆବଶ୍ୟକତା ରହିଛି। ଚାରବାଟିଆ ଅଞ୍ଚଳର ବିକାଶ ଲାଗି ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପଳିତା ଶନିବାର ଗାନ୍ଧୀ ସ୍ମୃତି ସମାରୋହରେ ୫ଦଫା ସମ୍ବଳିତ ଦାବିପତ୍ର ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କୁ ପ୍ରଦାନ କରିଛନ୍ତି।

ସ୍ମୃତି କମିଟି ସଭାପତି ସନ୍ତୋଷ କୁମାର ବଳ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ରାଉତରାୟ ଏବଂ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୌରାଧକ୍ଷା ନିବେଦିତା ବେହେରା, ସରପଞ୍ଚ ସଂଯୁକ୍ତା ଦାସ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ, ବିଡିଓ ସତ୍ୟଜିତ ରାଉତ, ଉପାଧକ୍ଷାଙ୍କ ପ୍ରତିନିଧି ଚିନ୍ମୟ କୁମାର ବାରିକ, ନାଲ୍‌କୋର ଡିଏମ୍‌ଓ ଅରୁଣ କୁମାର ସାହୁ, ଡେପୁଟି କମିଶନର ଅସିତ ମୋହନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଭାତଫେରୀ, ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଗୀତାପାଠ ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ନାୟକଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ରଶ୍ମିରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ନିରଞ୍ଜନ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।


ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

# ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

## ଉତ୍ପାତ କରୁଛି ଗୋଠଛଡ଼ା ଦନ୍ତା

**କେନ୍ଦୁଝର,୧୭।୧୨(ସ୍ୱ.ପ୍ର.):** କେନ୍ଦୁଝର ସଦର ରେଞ୍ଜ ମଇଦାନକେଲ ନିକଟରେ ଦନ୍ତା ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଜାମନଳିଆ ଗ୍ରାମର ବ୍ରଜ କିଶୋର ବେହେରା। ସଦର ରେଞ୍ଜ ଅଧିକାରୀ ବିଜୟ ମହାନ୍ତ କହିଛନ୍ତି, ମୃତ ବ୍ୟକ୍ତି ସମ୍ପର୍କୀୟଙ୍କ ଘରୁ ୫ କି.ମି ଦୂର ନିଜ ଗ୍ରାମକୁ ଫେରୁଥିଲେ। ଅନ୍ୟ ଲୋକମାନଙ୍କ ସହିତ ହାତୀକୁ ଦେଖୁଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ତାଙ୍କୁ ହାତୀ ଦଳି ଦେଇଥିଲା। ଗୁରୁତର ଅବସ୍ଥାରେ ବନ କର୍ମଚାରୀ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବନ ବିଭାଗ ନିୟମାନୁଯାୟୀ ତାଙ୍କୁ ଅନୁକମ୍ପାମୂଳକ କ୍ଷତିପୂରଣ ଦିଆଯିବ ବୋଲି ରେଞ୍ଜର କହିଛନ୍ତି। ସୂଚନାଯୋଗ୍ୟ, ଦନ୍ତାହାତିଟି କିଛି ଦିନ ହେଲା ସଦର ଅଞ୍ଚଳରେ ଉତ୍ପାତ କରୁଛି। ଶୁକ୍ରବାର ହରିଚନ୍ଦନପୁର ଥାନା ଅଧୀନ ଜଂଘିରା ନିକଟରେ ଲତା ଜୁଆଙ୍ଗ ନାମକ ବୃଦ୍ଧାଙ୍କୁ ଆକ୍ରମଣ କରିଥିଲା। ଲୋକମାନେ ଅଧିକ ସତର୍କ ହେବା ସହ ସହଯୋଗ କରିବାକୁ ଡିଏଫ୍‌ଓ ଏଚ୍.ଡି.ଧନରାଜ କହିଛନ୍ତି।

# ନିଶରେ ଟ୍ରାକ୍ଟର ଟାଣି ଚର୍ଚ୍ଚାରେ

**ବାଲେଶ୍ୱର ଅଫିସ, ୧୭।୧୨**

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ତାଳପଦା ଭିଲ୍ଲା ଗ୍ରାମର ଶୁଭପ୍ରସାଦ ମଲିକ ନିଶରେ ଟ୍ରାକ୍ଟର ଟାଣି ଚର୍ଚ୍ଚାକୁ ଆସିଛନ୍ତି। ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମମେଦିନୀପୁର ଜିଲା ସୁଲତାନପୁର ଅଞ୍ଚଳରେ ହେଉଥିବା 'ନେତାଜୀ ମେଳା'ରେ ଶୁଭପ୍ରସାଦ ୪ ବର୍ଷ ଧରି ଯୋଗଦେଇ ବିଭିନ୍ନ ଖେଳ ପ୍ରଦର୍ଶନ କରୁଛନ୍ତି। ପ୍ରଥମବର୍ଷ ନିଶରେ ବାଇକ୍ ଟାଣି ଥିବାବେଳେ ଦ୍ୱିତୀୟ ବର୍ଷ ମାରୁତି, ତୃତୀୟ ବର୍ଷ ପିକଅପ୍ ଭ୍ୟାନ୍ ଟାଣିଥିଲେ। ଏବର୍ଷ ସେ ନିଶରେ ଟ୍ରାକ୍ଟର ଲଗାଇ ୬ଶହ ମିଟରରୁ ଊର୍ଦ୍ଧ୍ୱ ପର୍ଯ୍ୟନ୍ତ ରାସ୍ତା ଟାଣିଛନ୍ତି। ମେଳାର ଆୟୋଜକମାନେ ତାଙ୍କୁ ୨୨ହଜାର ଟଙ୍କା ପ୍ରଦାନ କରିବା ସହ ମାନପତ୍ର ଏବଂ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ସେହିପରି ଆସନ୍ତା ବର୍ଷ ଏହି ମେଳାରେ ସେ ନିଶରେ ବସ୍‌କୁ ଟାଣିବେ ବୋଲି ଘୋଷଣା କରିଛନ୍ତି।

ଅନ୍ୟପକ୍ଷରେ ଶୁଭପ୍ରସାଦ ପଶ୍ଚିମମେଦିନୀପୁର ଦାନ୍ତୁନଠାରେ ଅନୁଷ୍ଠିତ ଗ୍ରାମୀଣ ମେଳାରେ ନିଶରେ ଟାଟା ସୁମୋ ଟାଣି ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଦୃଷ୍ଟି ଆକର୍ଷଣ କରି ପୁରସ୍କୃତ ହୋଇଥିଲେ। ସେହିପରି କାନ୍ଥିଠାରେ ଏଗ୍ରୋ ସେଣ୍ଟ୍ରାଲ ମେଳାରେ ନିଶରେ ବୋଲେରୋ ଟାଣି ଅତିଥି ଭାବେ ଯୋଗଦେଇଥିବା ଥାଇଲାଣ୍ଡର ମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଗତ ୧୯୯୮ରୁ ଆରମ୍ଭ କରିଥିବା ଏହି ଅଭିଯାନ ମାଧ୍ୟମରେ ଗିନିଜ୍ ରେକର୍ଡ଼ କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।


ନିଶରେ ଟ୍ରାକ୍ଟର ଟାଣୁଛନ୍ତି ଶୁଭ ପ୍ରସାଦ ମଲିକ।

# ବସ୍ କାଚ ଭାଙ୍ଗିଲେ, ଯାତ୍ରୀଙ୍କୁ ଆକ୍ରମଣ କଲେ

**ଯୋଡ଼ା,୧୭।୧୨(ଡି.ଏନ.ଏ):** କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ସିନେମହଲ ନିକଟରେ ଶନିବାର ସନ୍ଧ୍ୟାରେ ଦୁର୍ବୃତ୍ତମାନେ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ଯୋଡ଼ାରୁ ଯାଉଥିବା ଚକାଡ଼ୋଳା ନାମକ ବସକୁ ୭ ଯୁବକ ଅଟକାଇ ବସ୍‌ର କାଚ ଭାଙ୍ଗିବା ସହିତ ଯାତ୍ରୀମାନଙ୍କୁ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ସୂର୍ଯ୍ୟକାନ୍ତ ବେହେରାଙ୍କ ରାସନ ଦୋକାନ ଓ ସେଠାରେ ଥିବା ଅନ୍ୟ ଏକ ହାର୍ଡାୱାର ଦୋକାନ ଉପରେ ବି ଢେଲା ପଥର ମାଡ଼ କରିଥିଲେ। ଘଟଣାରେ ଜଣେ ଆହତ ହୋଇଛନ୍ତି। ପୋଲିସ ଖବର ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ଲୋପା


@ହିମାଂଶୁ


@ତାରା


@ଗଣେଶ

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ

**ଆରଡ଼ି, ୧୭।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ କୁଳେଇପଦା ପଡ଼ିଆରେ ତଥାସ୍ତୁ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଗୁରୁଜୀ ପ୍ରଦୀପ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଅଧାପକ ନିକୁଞ୍ଜ କିଶୋର ଜେନା ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଦାଧର ନାୟକ ଓ ଶିକ୍ଷାବିତ୍ ଦୀପ୍ତି ରଞ୍ଜନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ ବୋଲି ଅତିଥିମାନେ କହିଥିଲେ। କ୍ରୀଡ଼ା ଶିକ୍ଷକ ସୁଶାନ୍ତ କୁମାର ବିଶ୍ୱାଳ ଓ ଗୁରୁଜୀ ଦେବେନ୍ଦ୍ର କୁମାର ଜେନା ପ୍ରତିଯୋଗିତା ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ନିରାକାର ନାୟକ ଓ ଗୁରୁମା ସରୋଜିନୀ ବିଶ୍ୱାଳ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଗୁରୁମା ତନ୍ମୟୀ ଖଟୁଆ, ପ୍ରଜ୍ଞା ପରିମିତା ପରିଡ଼ା, ଦୀପ୍ତିରେଖା ବାରିକ, ଗାୟତ୍ରୀ ସାହୁ, ଗୁରୁଜୀ ସଦାଶିବ ବାରିକ, ଅଜିତ କୁମାର ବେହେରା ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହାୟତା କରିଥିଲେ।

# ସଂକ୍ରାନ୍ତି ସାହିତ୍ୟ ସନ୍ଧ୍ୟାର ସାରସ୍ୱତ ଆସର


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ବାସୁଦେବପୁର, ୧୭।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଶିଶୁବିହାର ଶିକ୍ଷାନୁଷ୍ଠାନ ପରିସରରେ ଭଦ୍ରକ ସାହିତ୍ୟ ଅନୁଷ୍ଠାନ ସଂକ୍ରାନ୍ତି ସାହିତ୍ୟ ସନ୍ଧ୍ୟା ପକ୍ଷରୁ ସାରସ୍ୱତ ଆସର, କବିତା ପାଠୋତ୍ସବ ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଧନୁସଂକ୍ରାନ୍ତିରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାଧାପକ ତଥା କବି ହୃଦାନନ୍ଦ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ପର୍ବପର୍ବାଣି ସାହିତ୍ୟ, ସଂସ୍କୃତି ଅତୀତ ଗୌରବର ଗାଥା କହିଥାଏ ବୋଲି ସେ ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପକ ତଥା ଲେଖକ ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତି, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ମିଶ୍ର ଏବଂ ଅନ୍ୟତମ ବକ୍ତା ଭାବେ ଅବସରପ୍ରାପ୍ତ ଅଧାପକ ରତ୍ନାକର ବାରିକ, ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ସଂକ୍ରାନ୍ତି ସାହିତ୍ୟ ସନ୍ଧ୍ୟାର ସଭାପତି କବି ଦୀନବନ୍ଧୁ ପତି ସଭାରେ ପୌରୋହିତ୍ୟ କରିଥିଲେ। କବି ଦୀନବନ୍ଧୁଙ୍କ ଲିଖିତ ପୁସ୍ତକ 'ଅମାପ ଅନ୍ଧାର' ଓ ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କ 'ବାସୁଦେବପୁରର ପ୍ରସନ୍ନଦେବ' ଉନ୍ମୋଚନ କରାଯାଇଛି। କବି ରତ୍ନାକର ପଣ୍ଡା କବିତା ପାଠୋତ୍ସବରେ କବିତା ସମୀକ୍ଷା କରିଥିଲେ। କବି ବିକାଶ କୁମାର ଶତପଥୀ ସ୍ୱାଗତ ବକ୍ତବ୍ୟ ରଖିଥିଲେ।

# 'ସମସ୍ୟାର ଶେଷ ନାହିଁ, ଲଢ଼େଇ ଜାରି ରଖିବି'

**କେନ୍ଦୁଝର,୧୭।୧୨(ସ୍ୱ.ପ୍ର.)**

ପରିବେଶ ସଚେତନତା ପ୍ରସଙ୍ଗରେ ବାଂଶପାଳ ବ୍ଲକ୍ ଅନ୍ତର୍ଗତ ତଳ ବୈତରଣୀ ଗ୍ରାମରେ ଜଳପୁରୁଷ ପଦ୍ମଶ୍ରୀ ଦୈତାରୀ ନାଏକଙ୍କୁ ଭେଟିଛନ୍ତି ବୈତରଣୀ ଗବେଷଣା ପରିଷଦ କେନ୍ଦୁଝରର ସଭାପତି ଡକ୍ଟର ବିଦ୍ୟାଧର ବେହେରା। ସାକ୍ଷାତରେ ତାଙ୍କ ସହିତ ପରିବେଶ ଓ ଜଳଜମି ଆଦି ବିଷୟରେ ବାର୍ତ୍ତାଳାପ କରିଥିଲେ। ସମାଜରେ ସମସ୍ୟାର ଶେଷ ନାହିଁ, ଲଢ଼େଇ ଜାରି ରହିବ ବୋଲି ବାର୍ତ୍ତାଳାପ ସମୟରେ କହିଥିଲେ। ଜାଲି ଗ୍ରାମରେ ହାତୀ ମୀନାର ପ୍ରତିଷ୍ଠାତା ଅବସରପ୍ରାପ୍ତ ପ୍ରାଧାପକ ଡ. କୃଷ୍ଣଚନ୍ଦ୍ର ନାୟକ ଉତ୍ତରୀୟ ଦେଇ ସମ୍ମାନ ଜଣାଇଥିଲେ।

ଆଲୋଚନାରେ ସ୍ଥାନୀୟ ଲୋକଙ୍କ ଚାଷଜମିକୁ ପାଣି ମଡ଼ାଇବା ପାଇଁ ଦୀର୍ଘ ୩କିମି ଦୂରରୁ ନିଜ ଉଦ୍ୟମରେ କେନାଲ ଖୋଳି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଦୈତାରୀ ତାଙ୍କ ଅନୁଭୂତି ବ୍ୟକ୍ତ କରିଥିଲେ। ଏଥିସହ ଉକ୍ତ ଅଞ୍ଚଳରେ ଏବେ ମଧ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଅବଗତ କରିଥିଲେ। ଚାଷ ସହିତ ବଣଜଙ୍ଗଲ ଉପରେ ନିର୍ଭର କରି ବନବାସୀମାନେ ଜୀବନଜୀବିକା ନିର୍ବାହ କରିଥାନ୍ତି। ଜଳସେଚନର ବ୍ୟବସ୍ଥା ନ ଥିଲା। ଆଗରୁ କେବଳ ବର୍ଷାପାଣିରେ ଚାଷ କାର୍ଯ୍ୟ କରୁଥିଲେ। କେନାଲ ଖୋଳିବା ପରେ ପାହାଡ଼ିଆ ଝରଣାର ଜଳ ପ୍ରବାହିତ ହେଉଛି। ବର୍ଷର ଅନ୍ୟ ସମୟରେ ମଧ ଚାଷ କରିପାରୁଛନ୍ତି। କେନାଲ ଖୋଳିବା ପାଇଁ ବାଦ ଅପବାଦ ଶୁଣିବାକୁ ପଡ଼ିଥିଲା। ନିଜର ବଳବୟସକୁ ଲଗାଇ ଭଗିରଥ ଭଳି ଗଙ୍ଗା ମାତାଙ୍କୁ ପାହାଡ଼ରୁ ତଳକୁ ଆଣିପାରିଥିବା ସେ କୁହନ୍ତି। ଗ୍ରାମ ତଥା ଲୋକଙ୍କ ସମସ୍ୟାର ଅନ୍ତନାହିଁ। ଏହିପରି ଅନ୍ୟାନ୍ୟ ଅଞ୍ଚଳରେ ଅବହେଳିତ ହୋଇ ରହିଛନ୍ତି ବନବାସୀ। ଲୋକଙ୍କ ମଧ୍ୟରେ ମଦ ଭଳି କୁସଂସ୍କାର ରହିଛି, ଯାହାକି ସେମାନଙ୍କ ଅର୍ଥନୈତିକ ଓ ସାମାଜିକ ଅବସ୍ଥାକୁ ଦୁର୍ବଳ କରିଦେଉଛି। ଏଣୁ ନିଜେ ଦାରିଦ୍ର୍ୟ ମଧ୍ୟରେ ଶଢୁଥିଲେ ହେଁ ଦେଶ ଦେଇଥିବା ମାନ୍ୟତାକୁ ପାଥେୟ କରି ସମସ୍ୟା ଦୂର କରିବା ପାଇଁ ସଂଗ୍ରାମ ଜାରି ରଖିବେ ବୋଲି ପଦ୍ମଶ୍ରୀ କହିଛନ୍ତି। ୨୦୧୬ରେ ସାମାଜିକ କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ଦେଶର ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ ତାଙ୍କୁ ମିଳିଥିଲା। ଏହା କ'ଣ ସେ ବୁଝି ନ ଥିଲେ। ତେବେ ଯେଉଁ ସମ୍ମାନ ମିଳିଲା ତାହା ସେ ଟିକେ ଟିକେ ବୁଝିପାରୁଛନ୍ତି। ଏବେ ସେଥିପାଇଁ ତାଙ୍କୁ ଯେଉଁ ସମ୍ମାନ ମିଳୁଛି, ତାହାର ମାନ ସେ ରଖିବା ପାଇଁ ଉଦ୍ୟମ କରୁଥିବା କହିଛନ୍ତି। ଏହି ଅବସରରେ ଧରିତ୍ରୀର ବରିଷ୍ଠ ଖବରଦାତା ନରେଶ ଚନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ।


ବୈତରଣୀ ଗବେଷଣା ପରିଷଦର ସଭାପତି ବିଦ୍ୟାଧର ବେହେରା, ପଦ୍ମଶ୍ରୀ ଦୈତାରୀ ନାଏକ ଓ ଅନ୍ୟମାନେ।

